# ତହସିଲଦାରଙ୍କ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ

ପତ୍ର ସଂଖ୍ୟା ...୯୬୪.../ହସ୍ତାନ୍ତରିକରଣ    ତାରିଖ ...୧୨.୦୯.୨୦୨୪

## ସର୍ବସାଧାରଣ ନୋଟିସ୍

ଏତଦ୍ଦ୍ୱାରା **ସରଭିମପୁର** ମୌଜାର ସର୍ବସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ମୌଜାର ନିମ୍ନ ଲିଖିତ ସରକାରୀ ଜମି କିସମ 'ପତିତ' ଆବାଦ ଯୋଗ୍ୟ ଅନାବାଦି ଖାତାକୁ କିସମ ' ଗୋଚର ' ରକ୍ଷିତ ଅନାବାଦି ଖାତାକୁ ଆଣି, ଏହି ପରି ଉକ୍ତ ମୌଜାର କିସମ 'ଗୋଚର' ରକ୍ଷିତ ଅନାବାଦି ଖାତାରୁ 'ପତିତ' କିସମ ଆବାଦ ଯୋଗ୍ୟ ଅନାବାଦି ଖାତାକୁ ଆଣି ଏହି ଜମିକୁ ଉଦ୍ୟାନ କୃଷି, ପଶୁପାଳନ ଏବଂ ଅନ୍ୟାନ୍ୟ ଲାଭଦାୟକ କୃଷି କାର୍ଯ୍ୟକଳାପ ପାଇଁ ପରିଚାଳନା ନିର୍ଦ୍ଦେଶକ, ଛତ୍ରପୁର ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍, ନାମରେ ଜମି ପଟ୍ଟା ପ୍ରଦାନ କରିବା ନିମନ୍ତେ ପ୍ରସ୍ତାବ କରାଯାଇଛି ।

ନିମ୍ନ ତଫସିଲଭୁକ୍ତ ପ୍ରସ୍ତାବିତ ଜମିଜମା ସଂଶୋଧନରେ ଆପଣଙ୍କର କୌଣସି ଆପତ୍ତି ଓ ଅଭିଯୋଗ ଥିଲେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ / Tahasil Office Chatrapur କାର୍ଯ୍ୟାଳୟରେ ତା ୦୬.୧୦.୨୦୨୪ ରିଖ ଦିନ ୧୧:୦୦ **ଘଣ୍ଟିକା** ସମୟ ସୁଦ୍ଧା ଆପତ୍ତି ଓ ଅଭିଯୋଗ ଦାଖଲ କରିପାରିବେ । ଏହି ଅଭିଯୋଗ ମୋକଦ୍ଦମାର ଫଏସଲା ସମୟରେ ବିଚାର କରାଯିବ । ଧାର୍ଯ୍ୟ ସମୟ ପରେ କାହାରି କୌଣସି ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ଜମିର ବିବରଣି

ମୌଜା : ସରଭିମପୁର

| ଖାତାନଂ | ପ୍ଲଟ୍ ନଂ | ମୋଟ ରକବା ଏକରରେ | ଆବଶ୍ୟକ ରକବା ଏକରରେ | କିସମ | ପ୍ରସ୍ତାବ |
|---|---|---|---|---|---|
| ୪୦୮ | ୮୦ | ୦.୦୬୧ | ୦ ୦.୦୬୧ | ପତିତ | "'ପତିତ' କିସମ ଆବାଦ ଯୋଗ୍ୟ ଅନାବାଦି ରୁ 'ଗୋଚର' କିସମ କରି ରକ୍ଷିତ ଅନାବାଦି ଖାତାକୁ ଆଣିବା ନିମନ୍ତେ । |
| | ୮୬ | ୦.୧୦୦ | ୦.୧୦୦ | | |
| | ୬୩୩ | ୦.୪୦୦ | ୦.୪୦୦ | | |
| | ୬୫୪ | ୦.୨୦୦ | ୦.୨୦୦ | | |
| | ୮୧୫ | ୦.୩୩୦ | ୦.୩୩୦ | | |
| | ୯୧୮ | ୦.୧୦୮ | ୦.୧୦୮ | | |
| | ୯୨୨ | ୦.୧୦୩ | ୦.୧୦୩ | | |
| | ୯୨୪ | ୦.୩୩୦ | ୦.୩୩୦ | | |
| | ୯୩୦ | ୦.୧୫୫ | ୦.୧୫୫ | | |
| ମୋଟ | | ୧.୬୮୭ ଏକର | ୧.୬୮୭ ଏକର | | |

| ଖାତାନଂ | ପ୍ଲଟ୍ ନଂ | ମୋଟ ରକବା ଏକରରେ | ଆବଶ୍ୟକ ରକବା ଏକରରେ | କିସମ | ପ୍ରସ୍ତାବ |
|---|---|---|---|---|---|
| ୪୧୦ (ରକ୍ଷିତ ଅନାବାଦି) | ୯୭ | ୧୧.୫୯୦ | ୧.୬୮୭ | ଗୋଚର | 'ଗୋଚର' ରକ୍ଷିତ ଅନାବାଦି ଖାତାରୁ 'ପତିତ ' କିସମ କରି ଆବାଦ ଯୋଗ୍ୟ ଅନାବାଦି ଖାତାକୁ ଆଣିବା ନିମନ୍ତେ । |

ତହସିଲଦାର, ଛତ୍ରପୁର, ଗଞ୍ଜାମ

ପତ୍ର ସଂଖ୍ୟା ...୯୬୫.../ହସ୍ତାନ୍ତରିକରଣ    ତାରିଖ ...୧୨.୦୯.୨୦୨୪

ଏହାର ଏକକିତା ନକଲ ଗ୍ରାମ ପଞ୍ଚାୟତ ପୋଟଲାମପୁର/ରାଜସ୍ୱ ନିରୀକ୍ଷକ, ପୋଟଲାମପୁର ଅବଗତି ଓ ବିହିତ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତ ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକା ଜାରି କରାଗଲା ।

ତହସିଲଦାର, ଛତ୍ରପୁର, ଗଞ୍ଜାମ

ପତ୍ର ସଂଖ୍ୟା ...୯୬୬.../ହସ୍ତାନ୍ତରିକରଣ    ତାରିଖ ...୧୨.୦୯.୨୦୨୪

ଏହାର ଏକକିତା ନକଲ NIC, Ganjam ଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା Web Site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଛତ୍ରପୁର, ଗଞ୍ଜାମ